
# ପିଲାଙ୍କ ଧରିତ୍ରୀ

ଶନିବାର, ୧୫ ଡିସେମ୍ବର, ୨୦୧୮



୪ ତୁମ ତୂଳୀରୁ



୩ ଆସ ଜାଣିବା



୭ ଜଣା ଅଜଣା



୮ ଆଇନା



# ମତାମତ

"'ତୁମ ତୂଳୀରୁ' ପୃଷ୍ଠାରେ କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କାଯାଇଥିବା କିଛି ଚିତ୍ର ସମାଜକୁ ଅନେକ ଶିକ୍ଷା ଦେଉଛି। ଏଥର ଏହି ପୃଷ୍ଠାରେ ସ୍ଥାନିତ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ବାରଣ ଓ ବୃକ୍ଷରୋପଣ କରିବାକୁ ପରାମର୍ଶ ଆଦି ଖୁବ୍ ଭଲ ଲାଗିଲା।

- ମୃଣ୍ମୟୀ ବେହେରା, ଖୁଣ୍ଟପାଲି, ବଲାଙ୍ଗୀର

"'ବିନ୍ଦୁ ଯୋଡ଼ ଓ ରଙ୍ଗଦିଅ' କରିବାକୁ ମଜା ଲାଗୁଛି। 'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି।

- ବିଷ୍ଣୁପ୍ରିୟା ସେଠୀ, ଇନ୍ଦିପୁର, ଢେଙ୍କାନାଳ

"'ବିଲୁଆର ପାଠାଗାର' ଗପରୁ ବିଲୁଆର ମହତପଣିଆ ବିଷୟରେ ଜାଣିବାକୁ ମିଳିଲା।

- ସନାତନ ସାହୁ, ସୋର, ବାଲେଶ୍ୱର

"ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା ବୃହତ୍ତମ ସ୍କେଟ୍ ବୋର୍ଡ ବିଷୟରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା।

- ଅନୁରାଗ ପଟ୍ଟନାୟକ, ସାମନ୍ତରାପୁର, ଭୁବନେଶ୍ୱର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

# ସାବାସ୍ କୁନ୍‌ମୁନ୍

## ଗପ



ସ୍କୁଲର ଖାଇବା ଛୁଟି ପାଇଁ ପିଅନ ଠନ୍ ଠନ୍ କରି ଘଣ୍ଟା ବଜାଇଦେବାରୁ ପିଲାମାନେ ନିଜ ନିଜର ଟିଫିନ୍ ବାକ୍ସ ଧରି ଖାଇ ବସିଲେ। କୁନ୍‌ମୁନ୍ ମଧ୍ୟ ନିଜ ଟିଫିନ୍‌ରୁ ଖାଦ୍ୟ ବାହାରକଲା। ସେ ସ୍କୁଲର ପଞ୍ଚମଶ୍ରେଣୀ ଛାତ୍ରୀ। ଭାରି ଧୀରସ୍ଥିର। ସବୁ ସାଙ୍ଗମାନେ ତାକୁ ଭଲ ପାଆନ୍ତି। କୁନ୍‌ମୁନ୍ ଯେଉଁଠି ଖାଉଥିଲା ତା' ସାଙ୍ଗ ଲିଟିଲ୍ ମଧ୍ୟ ସେଇଠି ଖାଇ ବସିଲା। ଲିଟିଲ୍‌ର ମା' ଚିପ୍ସ ଦେଇଥିଲେ ଖାଇବାକୁ। ଏଗୁଡ଼ିକ ଦେଖି କୁନ୍‌ମୁନ୍ କହିଲା, ଲିଟିଲ୍ ତୁମେ ଏଗୁଡ଼ିକ ଖାଅ ନାହିଁ। ମୋ ମାଆ କହୁଥିଲେ, ପ୍ଲାଷ୍ଟିକ ପ୍ୟାକ୍ ଖାଦ୍ୟ ଖାଇଲେ ପେଟ ଖରାପ ହୁଏ। କୁନ୍‌ମୁନ୍‌ଠାରୁ ଏହି କଥା ଶୁଣିବା ପାଇଁ ଅନ୍ୟ ପିଲାମାନେ ଚାଲିଆସିଲେ। ସେମାନଙ୍କୁ ମଧ୍ୟ ସେହି କଥା ସେ ବୁଝାଇ କହିଲା। ପ୍ଲାଷ୍ଟିକର ଅପକାରିତା ବିଷୟରେ ମାଆଙ୍କଠାରୁ ଶୁଣିଥିବା କଥା କୁନ୍‌ମୁନ୍ ସବୁ ପିଲାଙ୍କୁ ବୁଝାଉଥିଲା।

ଏହି ସମୟରେ ସ୍କୁଲ ପିଅନ ପଡ଼ିଥିବା ପ୍ଲାଷ୍ଟିକ ଜରିଗୁଡ଼ିକ ଏକତ୍ରକରି ନିଆଁ ଲଗାଇବାରୁ ଚାରିଆଡ଼େ ଧୂଆଁ ହୋଇଗଲା। ଧୂଆଁରେ ପିଲାମାନଙ୍କ ଆଖିରୁ ଲୁହ ବାହାରିବାକୁ ଲାଗିଲା। ଜରିପୋଡ଼ା ଗ୍ୟାସ୍‌ରେ ମୁଣ୍ଡ କ'ଣ ହୋଇଗଲା। ପିଲାମାନେ ବିକଳରେ ଶ୍ରେଣୀଗୃହ ଭିତରକୁ ଦୌଡ଼ି ଆସିଲେ। ଏହିସବୁ ଅବସ୍ଥା ସ୍କୁଲର ପ୍ରଧାନ ଶିକ୍ଷକ ଦୂରରୁ ବସି ଲକ୍ଷ୍ୟ କରୁଥିଲେ। ସ୍କୁଲର ଏହି ପରିବେଶକୁ ହୃଦୟଙ୍ଗମ କଲେ। ଏଥିରୁ ଛାତ୍ରୀଛାତ୍ରଙ୍କୁ କିପରି ରକ୍ଷା କରାଯାଇପାରିବ ତାହା ଚିନ୍ତା କଲେ।

ତା'ପରଦିନ ପ୍ରଧାନ ଶିକ୍ଷକ ପିଲାମାନଙ୍କ ଅଭିଭାବକଙ୍କୁ ଡକାଇ ଏକ ସଭା କରାଇଲେ। ପିଲାମାନେ ମଧ୍ୟ ଉପସ୍ଥିତ ରହିଲେ। ପ୍ଲାଷ୍ଟିକ କିପରି ମଣିଷ ସମାଜକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି ସେହି କଥା ଅଭିଭାବକ ଓ ପିଲାମାନଙ୍କୁ ବୁଝାଇଥିଲେ। କୌଣସି ପିଲା ଓ ଅଭିଭାବକ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଶପଥପାଠ କରାଗଲା। ପ୍ଲାଷ୍ଟିକ ପ୍ୟାକିଂ ଖାଦ୍ୟ ପିଲାମାନଙ୍କୁ ନ ଦେବା ପାଇଁ ମାଆମାନଙ୍କୁ ଅନୁରୋଧ କରାଗଲା। ସେହିଦିନଠାରୁ ସବୁ ପିଲା ମାଆମାନଙ୍କଠାରୁ ହାତ ତିଆରି ଖାଦ୍ୟ ସ୍କୁଲକୁ ଆଣିଲେ। ସ୍କୁଲ ପରିସରରେ ପ୍ଲାଷ୍ଟିକ ଆବର୍ଜନା ଦେଖିବାକୁ ମିଳିଲା ନାହିଁ। ସବୁଆଡ଼ ପରିଷ୍କାର ରହିଲା। କୁନ୍‌ମୁନ୍ ଯୋଗୁ ଏହା ସମ୍ଭବ ହେଲା ବୋଲି ପ୍ରଧାନ ଶିକ୍ଷକ ଜାଣିପାରି କହିଲେ-ସାବାସ୍ କୁନ୍‌ମୁନ୍।

**– ରେଣୁକା ସ୍ୱାଇଁ**
ଅଧ୍ୟାପିକା, ହରିଶପୁର ବଳଦେବମହାବିଦ୍ୟାଳୟ,
ବୋରିକିନା, ଜଗତ୍‌ସିଂହପୁର
ମୋ: ୮୦୧୮୨୪୧୪୨୪




## ଖିଲିଖିଲି ହସ

ବହୁତ ଡେରି ପର୍ଯ୍ୟନ୍ତ ମଶା ଶର୍ମା ବାବୁଙ୍କୁ ହଇରାଣ କରୁଥିଲା। ସେ ରାଗିଯାଇ ନିଜେ ବିଷ ପିଇ ମଶାକୁ କହିଲେ– ଏବେ ମଶା ଆ, ମୋତେ କାମୁଡ଼ି ଦେଖା, ତୁମମାନଙ୍କ ଭିତରୁ କିଏ ବଞ୍ଚୁଛି ଦେଖିବି ?

ଶିକ୍ଷକ: ରାଜୁ, ତୁମେ କାଇଁ ହୋମ୍‌ୱାର୍କ କରିନ ?
ରାଜୁ: ମୁଁ ହଷ୍ଟେଲରେ ରହୁଛି ।
ଶିକ୍ଷକ: ତେବେ ?
ରାଜୁ: ହଷ୍ଟେଲରେ ହୋମ୍‌ୱାର୍କ କେମିତି କରିବି ?

ଜଣେ ବୟସ୍କ ବ୍ୟକ୍ତି ପପୁକୁ ପଚାରିଲେ, ପୁଅ କେମିତି ଅଛୁ ?
ପପୁ: ଠିକ୍ ଅଛି !
ବ୍ୟକ୍ତି: ପାଠପଢ଼ା କେମିତି ଚାଲିଛି ?
ପପୁ: ବିଲ୍‌କୁଲ୍ ଆପଣଙ୍କ ଜୀବନ ଭଳି
ବ୍ୟକ୍ତି: ମାନେ ?
ପପୁ: ଭଗବାନଙ୍କ ଭରସାରେ !




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




### ଆସ ଜାଣିବା

# ଷ୍ଟାଚ୍ୟୁ ଅଫ୍ ୟୁନିଟି

- ‘ଷ୍ଟାଚ୍ୟୁ ଅଫ ୟୁନିଟି’ ହେଉଛି ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି । ତେଣୁ ଏହା ସ୍ଥାନ ପାଇଛି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ।
- ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ଏହି ପ୍ରତିମୂର୍ତ୍ତିର ଉଚ୍ଚତା ହେଉଛି ୧୮୨ ମିଟର ।
- ୩୧ ଅକ୍ଟୋବର ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଲୋକାର୍ପିତ କରିଥିଲେ ।
- ଏହା ଗୁଜରାଟର ନର୍ମଦା ଜିଲାର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସ୍ଥାପନ କରାଯାଇଛି ।
- ଏହି ମୂର୍ତ୍ତି ପ୍ରସ୍ତୁତ କରିବା ଲାଗି ୨୪,୫୦୦ ଟନ୍ ଲୁହା, ୭୦,୦୦୦ ଟନ୍ ସିମେଣ୍ଟ ଏବଂ ୧,୭୦୦ ମେଟ୍ରିକ ଟନ୍ ବ୍ରୋଞ୍ଜ ବ୍ୟବହୃତ ହୋଇଛି ।
- ଏହି ବିଶାଳ ମୂର୍ତ୍ତିର ଡିଜାଇନ୍ ପ୍ରସ୍ତୁତ କରିଥିଲେ ପଦ୍ମଭୂଷଣ ପ୍ରାପ୍ତ ମୂର୍ତ୍ତିକାର ରାମ ଭି ସୂତାର ।
- ଏହି ବିଶାଳ ମୂର୍ତ୍ତି ୭ କି.ମି. ଦୂରରୁ ଦେଖାଯାଇଥାଏ ।
- ସ୍ୱାଧୀନ ଭାରତର ଅନ୍ୟତମ ନିର୍ମାତା ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୩ତମ ଜନ୍ମବାର୍ଷିକୀ ଅବସରରେ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୫୦ରୁ ଉର୍ଦ୍ଧ୍ୱ ଗଡଜାତ ରାଜ୍ୟକୁ ଏକତ୍ରିତ କରି ଏକ ସଂଗଠିତ ଭାରତ ଗଢ଼ିବା ଲାଗି ସଂକଳ୍ପ କରିଥିଲେ । ତେବେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭାରତର ଏକତାର ପ୍ରତୀକ ସ୍ୱରୂପ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି ।

# ଶବ୍ଦକୁ ଦେଖିପାରେ ମସ୍ତିଷ୍କ



### ବିଜ୍ଞାନ କଥା

● ସ୍ମିତା ନାୟକ


ଆମେ ଚକ୍ଷୁ ସାହାଯ୍ୟରେ ଦେଖିପାରୁ ଓ କାନ ସାହାଯ୍ୟରେ ଶୁଣିପାରୁ କିନ୍ତୁ କେବଳ ଶବ୍ଦ ଶୁଣିକରି ତତ୍ ସମ୍ବନ୍ଧୀୟ ବସ୍ତୁର ଆକାର ଅନୁମାନ କରିପାରୁ । ଦେଖିବା ଓ ଶୁଣିବା କାମ ବାସ୍ତବରେ ମସ୍ତିଷ୍କ ମାଧ୍ୟମରେ ଚକ୍ଷୁ ଓ କାନ କରିଥାନ୍ତି । ଆମେ ଆମ ମସ୍ତିଷ୍କ ସମ୍ବନ୍ଧରେ କିଞ୍ଚିତ ଜ୍ଞାନ ପ୍ରାପ୍ତ କରିଛୁ ।

ଦି ମେଟେରିଆଲ ନ୍ୟୁରୋଲୋଜିକାଲ ଇନଷ୍ଟିଚ୍ୟୁଟ୍ ଏବଂ ମୈକାଗିଲ ବିଶ୍ୱବିଦ୍ୟାଳୟ ବୈଜ୍ଞାନିକମାନେ ଅନୁସନ୍ଧାନ କରି ଜାଣିବାକୁ ପାଇଛନ୍ତି ଯେ, "ଆମ ମସ୍ତିଷ୍କର ଏପରି କ୍ଷମତା ଅଛି ଯେ ସେ ଯେକୌଣସି ଧ୍ୱନିକୁ ବିଭିନ୍ନ କୋଡ୍ ସାହାଯ୍ୟରେ ଅନୁମାନ କରି ଜାଣିପାରେ" । ଚକ୍ଷୁ ବନ୍ଦ ଥିଲେ ମଧ୍ୟ ମସ୍ତିଷ୍କ ଜାଣିବାରେ ଭୁଲ କରିନଥାଏ ।

ଉପରୋକ୍ତ ଅନୁସନ୍ଧାନ ଭିତ୍ତିକ ଦୃଷ୍ଟିଶକ୍ତି ବିହୀନ, ଅଳ୍ପ ଦୃଷ୍ଟିଶକ୍ତି ସମ୍ପନ୍ନ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପ୍ରଣିଧାନ ଯୋଗ୍ୟ । ମସ୍ତିଷ୍କର ସ୍ନାୟୁ ସମ୍ବନ୍ଧୀୟ ଅଭ୍ୟାସରୁ ଜାଣିବାକୁ ମିଳିଲା ଯେ, ଆମ ମସ୍ତିଷ୍କ ଭିନ୍ନ ଭିନ୍ନ ସ୍ରୋତରୁ ଆସୁଥିବା ବିଷୟବସ୍ତୁକୁ ନେଇ ଏକ ବ୍ୟାପକ ଓ ବିସ୍ତୃତ ପ୍ରତିକୃତି ତିଆରି କରେ । ଏଥିରେ ଜ୍ଞାତ ଓ ଅଜ୍ଞାତ ଯାହାକୁ ଚକ୍ଷୁରେ ଦେଖାଯାଏ ତାହା ସାମିଲ ଥାଏ ଏବଂ ଯାହାକୁ ଅଳ୍ପ ଦେଖାଯାଏ, ସେ କାନରେ ଶବ୍ଦକୁ ଶୁଣି ଗୋଟିଏ ଚିତ୍ର ଅନୁମାନ କରିପାରେ । ଏଥିପାଇଁ କେବଳ ଅଭ୍ୟାସ ଜରୁରୀ ।

ଜନ୍ କ୍ୟୋଙ୍ଗକିମ୍‌ଙ୍କ ମତାନୁସାରେ ଏହା ଏକ ତଥ୍ୟ ଅଟେ ଯେଉଁଥିରେ ଧ୍ୱନି ତରଙ୍ଗ ମାଧ୍ୟମରେ ଆକାର ସମ୍ବନ୍ଧରେ ସୂଚନା ପ୍ରେରିତ ହୋଇପାରେ । ଏହା ସେତେବେଳ ସମ୍ଭବ ଯେତେବେଳେ ବ୍ୟକ୍ତି ସେହି ଧ୍ୱନି ତରଙ୍ଗକୁ ସୋପାନ ପ୍ରକ୍ରିୟା ଅନୁଯାୟୀ ପଢିପାରେ । ଏହା ଯୋଗୁଁ ଆକାର ଅନୁମାନ କରିବା ସରଳ ହୋଇଯାଏ ।

ଆମର ମସ୍ତିଷ୍କ ଏପରି ପ୍ରସ୍ତୁତ ହୋଇଛି ଯେ ଧ୍ୱନିକୁ ଏହା ପ୍ରତିକୃତିରେ ପରିବର୍ତ୍ତନ କରିପାରେ । କିନ୍ତୁ ଏଥିପାଇଁ ଅଧିକ କିଛି ଅଭ୍ୟାସର ଆବଶ୍ୟକ ରହିଛି । ପ୍ରକୃତି ମସ୍ତିଷ୍କକୁ ଏପରି ସୂକ୍ଷ୍ମ କାରିଗରି କୌଶଳରେ ନିର୍ମାଣ କରିଛି ଯେ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ଯାହା ଅନୁଭୂତ ହୁଏ ତାହା ପ୍ରଥମେ ମସ୍ତିଷ୍କ ଜାଣେ । ପରେ ସେହି ଅଙ୍ଗ ଉପରେ ତାହାର ପ୍ରଭାବ ପଡେ ।



ତେଣୁ ଶରୀରର କୌଣସି ସ୍ଥାନରେ ଅପରେଶନ ବେଳେ ବ୍ୟକ୍ତିକୁ ନିଶ୍ଚେତକ ଦିଆଯାଏ । ଏହା ଦ୍ୱାରା ମସ୍ତିଷ୍କ ଶିଥିଳ ହୋଇଯାଏ ଏବଂ ଅପରେଶନ ବେଳେ ବ୍ୟକ୍ତିକୁ କଷ୍ଟ ଜଣାପଡେ ନାହିଁ । ସବୁଠାରୁ ମଜା କଥା ହେଲା ଯଦି ମସ୍ତିଷ୍କର କୌଣସି ସ୍ଥାନରେ ଅପରେଶନ କରାଯାଏ ତାହାହେଲେ ବ୍ୟକ୍ତିକୁ ନିଶ୍ଚେତକ ଦିଆଯାଏ ନାହିଁ । ଏହା ହିଁ ମସ୍ତିଷ୍କର ବିଶେଷତ୍ୱ ।

–ଭଞ୍ଜନଗର, ଗଞ୍ଜାମ



ଶୁଭମ୍ ସେଠ୍
କ୍ଲାସ-୫,
ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ,
ସମ୍ବଲପୁର

୧



ଅୟସକାନ୍ତ ପତି
କ୍ଲାସ-୨, ଡିଏଭି ପବ୍ଲିକ ସ୍କୁଲ,
ପୋଖରୀପୁଟ,
ଭୁବନେଶ୍ୱର

୬

୨

ସଞ୍ଜୀବ ପୃଷ୍ଟି
କ୍ଲାସ-୧୦,
ମନୋଜମଞ୍ଜରୀ ଶିଶୁ ଭବନ,
କେନ୍ଦୁଝର



୭

ସ୍ୱାତୀ ସରଣ୍ୟା ଦାସ
କ୍ଲାସ-ଏଲ୍‌କେଜି,
ଉଦୟନାଥ ପବ୍ଲିକ୍ ସ୍କୁଲ, ଖେଲାର,
ପୁରୀ





ତୁଷାର ମିଶ୍ର
କ୍ଲାସ-୪,
ଗୌରୀଶଙ୍କର ରେସିଡେନ୍ସିଆଲ ଇଂଲିଶ ମିଡିୟମ ସ୍କୁଲ,
ଭୁବନେଶ୍ୱର

୩



ବିମଳ ମହାରଣା
କ୍ଲାସ-୧୦,
ଆର୍ଯ୍ୟକଳା ନିଳୟ ଆର୍ଟ ସ୍କୁଲ, କୁହୁଡି,
ଖୋର୍ଦ୍ଧା

୮

୪

ସୁନନ୍ଦା ପରିଚ୍ଛା
କ୍ଲାସ-୫,
ଅକ୍ସରା- ଦା ସ୍କୁଲ,
ପାଟନାପାଟନମ୍,
ଆନ୍ଧ୍ରପ୍ରଦେଶ



୯

ଆଦିତ୍ୟ କୁମାର ବେହେରା
କ୍ଲାସ-୭,
ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ,
ପଟିଆ, ଭୁବନେଶ୍ୱର





ପ୍ରାଚୀ ମହାନ୍ତି
କ୍ଲାସ-୮,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ଭୁବନେଶ୍ୱର

୫




ଅନନ୍ୟା ପ୍ରିୟଦର୍ଶିନୀ ମହାପାତ୍ର
କ୍ଲାସ-୫,
କେନ୍ଦ୍ରୀୟ ବିଦ୍ୟାଳୟ-୧,
ଭୁବନେଶ୍ୱର

୧୦



୨



୩




୪



୫



୬



୭



୧



୮



୯



୧୦

## ପାର୍ଥକ୍ୟ ଦର୍ଶାଅ





## କହିଲା ଦେଖି



✲ ଗୀତା ବାଣୀ ମତେ ମାସରେ ସାର
ଧାନକଟା ମାସ ଆମ ଚାଷୀର
ମୁହଁ କାଢ଼ିଲେଣି ସ୍ୱେଟର ସାଲ୍
କେଉଁ ମାସେ କୁହ ମୁକ୍ତା ବିନ୍ଦୁ ଖସି
ଘାସ ବୁଦା ଝଲ୍‌ମଲ୍।



– ମାର୍ଗଶିର



✲ ନାରୀ ନୁହେଁ ପିନ୍ଧେ ଅନେକ ଲୁଗା
ଦେହରେ ମୋ ଧାଡ଼ି ଧାଡ଼ିକା ପଘା
ସାଥୀ ନୁହେଁ ସବୁ ରାତିରେ ଖୋଜ
ଧନୀଠୁ ଗରିବ ବେଶି ସାଥୀ ମୋର
ନରମ କରଇ ତାହାର ଶେଯ।

– କନ୍ଥା

✲ ଦେହ, ହାତ, ମଥା ପୋଷାକ ପିନ୍ଧେ
ଶୀତ ଦିନେ ଲୁଗା ଦୋକାନେ ମିଳେ
ମତେ ତୁମେ ଶୀତ ହୋଇଲେ ଖୋଜ
ପୋଷାକ ଭିତରେ ମୁଁ ମହାରାଜ।

–ସ୍ୱେଟର



✲ ଆଖି, କାନ, ନାକ, ମୋହରି ଘର
ବୟସ୍କ ହୋଇଲେ ବେଶି ଦର୍କାର
ମୂଲ୍ୟବାନ ଅଙ୍ଗ ପରି
ଅଜାଙ୍କର ଅଛି ଆଈ ତ ଖୋଜୁଛି
ବାଡ଼ିଟିଏ ହାତେ ଧରି।

– ଚଷମା

–କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

## ଏଥରର ପ୍ରଶ୍ନ ?

✲ କାହାକୁ କମ୍ପ୍ୟୁଟରର ଜନକ ବୋଲି କୁହାଯାଏ ?

✲ ମାଇକ୍ରୋସଫ୍ଟ କର୍ପୋରେଶନର ପ୍ରତିଷ୍ଠାତା କିଏ ?

✲ ବର୍ତ୍ତମାନ ଗୁଗୁଲ୍‌ର ସିଇଓ କିଏ ଅଛନ୍ତି ?

✲ ଫେସ୍‌ବୁକ୍‌ର ପ୍ରତିଷ୍ଠାତା କିଏ ?

✲ ଷ୍ଟିଭ ଜବ୍‌ସ୍ କେଉଁ ଲୋକପ୍ରିୟ କମ୍ପାନୀର ସହ ପ୍ରତିଷ୍ଠାତା ଥିଲେ ?

## ଆରଥରର ଉତ୍ତର

✲ ଅଲିଭ ରିଡ୍‌ଲେ କଇଁଛ

✲ କୁମ୍ଭୀର

✲ ବାଘ ଅଭୟାରଣ୍ୟ

✲ ଚିଲିକା

✲ ହାତୀ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସ୍ପାଇଡରମ୍ୟାନ ବେଶ ଧାରଣ କରି ରେକର୍ଡ


ରେକର୍ଡ କରିବା ଲକ୍ଷ୍ୟରେ ବିଭିନ୍ନ ବ୍ୟକ୍ତି ତଥା ସଂସ୍ଥା ଭିନ୍ନ ଭିନ୍ନ ଅଭିନବ ପନ୍ଥା ଅପଣେଇଥାନ୍ତି। ସେହିଭଳି ଆମେରିକାର ମାର୍ଭେଲ ଏଣ୍ଟରଟେନ୍‌ମେଣ୍ଟ ଏଲଏଲସି ଏବଂ ଲଣ୍ଡନର ସୋନି ଇଣ୍ଟରାକ୍ଟିଭ୍ ଏଣ୍ଟରଟେନ୍‌ମେଣ୍ଟ ୟୁରୋପ ମିଳିତ ଭାବେ ସ୍ୱିଡେନଠାରେ ଆୟୋଜିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ସୃଷ୍ଟି କରିଛନ୍ତି ଏକ ବିରଳ ରେକର୍ଡ । ଚଳିତ ବର୍ଷ ସେପ୍ଟେମ୍ବର ୧୬ ତାରିଖରେ ନୋର୍ଡିସ୍କ ଫିଲ୍ମ ଡିଷ୍ଟ୍ରିବ୍ୟୁଶନ ଦ୍ୱାରା ଆୟୋଜିତ ହୋଇଥିବା ମାର୍ଭେଲ ସ୍ପାଇଡରମ୍ୟାନ ଗେମ୍ ର ଲଞ୍ଚିଂ ଇଭେଣ୍ଟରେ ସର୍ବମୋଟ ୫୪୭ ଜଣ ବ୍ୟକ୍ତି ସ୍ପାଇଡରମ୍ୟାନ ପୋଷାକ ପରିଧାନ କରି ଏକତ୍ରିତ ହୋଇଥିଲେ। ପ୍ରଥମ ଥର ଲାଗି ଏକା ସଙ୍ଗେ ଏତେ ସଂଖ୍ୟକ ଲୋକ ସ୍ପାଇଡରମ୍ୟାନ ବେଶ ଧାରଣ କରିଥିବା ଯୋଗୁ ଏହି ଇଭେଣ୍ଟ ସ୍ଥାନ ପାଇଛି ଗିନିଜ ୱାର୍ଲ୍ଡ ରେକର୍ଡରେ।



## କବିତା

### ବଢ଼ିଲା ଶୀତର ଦାଉ

କାର୍ତ୍ତିକ ସରିଲା ମାର୍ଗଶିର ହେଲା
ବଢ଼ିଲା ଶୀତର ଦାଉ,
ଦରକାର ହେଲା ଗରମ ପୋଷାକ
ବଢ଼ିଗଲା ତା'ର ଭାଉ।
ଶୀତ ସକାଳର ଖରା ଏବେ ପରା
ଦେହକୁ ଆରାମ ଦେଲା,
ଘାସ ପଡ଼ିଆରେ କାକର ବିନ୍ଦୁ
ମୁକ୍ତା ପରି ଝଲସିଲା।
ଘନ କୁହୁଡ଼ିରେ ବାଟବଣା ହୋଇ
ବିପଦେ ପଡ଼େ ବାଟୋଇ,
ଗାଡ଼ିମୋଟରର ଚଳାଚଳ ଥମେ
ସକାଳ କୁହୁଡ଼ି ପାଇଁ।



ନାହିଁ ତ ଅଭାବ ପନିପରିବାର
ଗରମ ଖାଇବା ସୁଖ,
ଭରପୂର ହେଲା ଦୋକାନ ବଜାର
ପାଚିଲା ଫଳରେ ଦେଖ।
ବିଦ୍ୟାଳୟେ ହୁଏ ବିଜ୍ଞାନର ମେଳା
କ୍ରୀଡ଼ା ଉତ୍ସବର ଖୁସି,
ଶୀତକୁ ନ ଡରି ଅଭ୍ୟାସରେ ବ୍ୟସ୍ତ
ସବୁ କୁନାକୁନି ମିଶି।
ଶୀତଦିନ ଆଣେ କେତେ ହସ ଖୁସି
ହିତ ସେ ସଭିଙ୍କ ପାଇଁ,
ସବୁ ସମୟରେ ଉଦ୍‌ଯୋଗୀ ହୋଇଲେ
ସଫଳତା ମିଳିଥାଇ।

–ଶରତ କୁମାରୀ ଷଡ଼ଙ୍ଗୀ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ନରିଶୋ, ନିଆଳୀ, କଟକ
ମୋ: ୯୪୩୭୫୩୪୩୨୨

### ଶୀତୁଆ ସକାଳ

ସୁଲୁ ସୁଲି ବାଆ ବୋହୁଛି
ଦେହ ପଡୁଛି ଥରି,
ଉତ୍ତରା ପବନ ବୋହୁଛି
ଶୀତ ଆସଇ ମାଡ଼ି।
ଆକାଶ ଦିଶୁଛି ନିର୍ମଳ
ଟାଣ ଖରା ଆବରି,
ସକାଳୁ କାକର ପଡୁଛି
ଦେହ ପଡ଼େ ଟାଙ୍କୁରି।
କରକା ବିନ୍ଦୁ ଯେ ପଡ଼ିଛି
ଦୂର୍ବାଦଳ ଉପରେ,
ସତେକି ପୃଥିବୀ ପିନ୍ଧିଛି
ରୁପା ଶାଢ଼ି ଦେହରେ।
ଘନ କୁହୁଡ଼ି ଯେ ଘୋଟିଛି
ମୁହଁ ଦିଶୁ ତ ନାହିଁ,
ଠାବେ ଠାବେ ନିଆଁ ଜଳୁଛି
ଲୋକେ ହୁଅନ୍ତି ପୁଇଁ।
ସୂରଯ ଉଆଁଇ ପୂରୁବେ
ଆସେ ଦିନ ଉଛୁରେ,
ଶେଯ ନ ଛାଡ଼ି ଯେ ପାରନ୍ତି




ଜନେ ଶୀତ ଜାଡ଼ରେ।
କେତେ ଜାତି ଫୁଲ ଫୁଟଇ
ମହୀ ଦିଶେ ସୁନ୍ଦର,
ଜାତି ଜାତି ପନିପରିବା
ଆହା କି ମନୋହର।
ଶୀତ ଲୁଗା ମାନ ପିନ୍ଧନ୍ତି
ଗୋଡୁ ମୁଣ୍ଡ ପର୍ଯ୍ୟନ୍ତେ,
ନାଲିନେଳୀ ରଂଗେ ରଂଗେଇ
ହୋଇଛନ୍ତି ସମସ୍ତେ।
କୃଷକ ଯାଉଛି କ୍ଷେତକୁ
ଧରି ହାତେ ଲଙ୍ଗଳ,
ସବୁଜେ ଭରିଛି ଧରଣୀ
ଏ'ତ ଶୀତ ସକାଳ।

–ଡ. ବିଜ୍ଞାନାନନ୍ଦ ମହାନ୍ତି
୩୫, ସୂର୍ଯ୍ୟନଗର, ଭୁବନେଶ୍ୱର

# ଜଣା ଅଜଣା




ମେରୁ ଅଞ୍ଚଳରେ ବାସ କରୁଥିବା ଗୁଣ୍ଡୁଚି ମୂଷା ନିଜକୁ ତୁଷାରପାତରୁ ରକ୍ଷା କରିବା ଲାଗି ନିଜ ଲାଞ୍ଜକୁ ଛତା ଭଳି ବ୍ୟବହାର କରିଥାଏ।



ବରାମୁଣ୍ଡି ନାମକ ଏକ ପ୍ରକାର ମାଛ ଯିଏକି ପୁରୁଷ ଭାବେ ଜନ୍ମ ନେଇଥାଏ କିନ୍ତୁ ଜନ୍ମର ୨ ରୁ ୩ ବର୍ଷ ପରେ ଲିଙ୍ଗ ପରିବର୍ତ୍ତନ କରି ପ୍ରଜନନକ୍ଷମ ହୋଇଥାଏ।



ସାଧାରଣତଃ ମହୁମାଛିର ରଙ୍ଗ କଳା ଏବଂ ହଳଦିଆ ହୋଇଥିବାବେଳେ ବ୍ଲୁ କାର୍‌ପେଣ୍ଟର ମହୁମାଛିର ରଙ୍ଗ ନୀଳ ରଙ୍ଗର ହୋଇଥାଏ।



ଇଣ୍ଡୋନେସିଆରେ ଡ୍ରାକୋ ନାମକ ଏକ ପ୍ରକାର ଏଣ୍ଡୁଅ ଦେଖାଯାଏ ଯାହାକୁ ଫ୍ଲାଇଙ୍ଗ୍ ଲିଜାର୍ଡ କୁହାଯାଏ। ଏହି ଏଣ୍ଡୁଅ ସର୍ବାଧିକ ୬୦ ମିଟର ଯାଏଁ ଉଡ଼ିବାର ରେକର୍ଡ କରାଯାଇଛି।



ସର୍ବପ୍ରଥମେ ମହାକାଶକୁ ପ୍ରେରଣ କରାଯାଇଥିବା ଜୀବ ହେଉଛି ଫ୍ରୁଟ୍ ଫ୍ଲାଏ। ୧୯୪୭ ମସିହାରେ ଆମେରିକା ଦ୍ୱାରା ଭି-୨ ରକେଟ ମାଧ୍ୟମରେ ଏହାକୁ ପ୍ରେରଣ କରାଯାଇଥିଲା।



କୁକୁରମାନଙ୍କ ଘ୍ରାଣଶକ୍ତି ମଣିଷମାନଙ୍କଠାରୁ ୧୦୦ ଗୁଣ ଅଧିକ ଥାଏ।


ଯଦି ଗୋଟିଏ ଧଳା ରଙ୍ଗର ଫୁଲକୁ ଡେମ୍ଫ ସହିତ କିଛିଦିନ ପାଇଁ ନୀଳ କିମ୍ବା ନାଲି ରଙ୍ଗର ପାଣିରେ ବୁଡ଼ାଇ ରଖାଯାଏ ତେବେ ଫୁଲଟି ନୀଳ କିମ୍ବା ନାଲି ରଙ୍ଗ ଧାରଣ କରିଥାଏ।



ପୃଥିବୀ ପୃଷ୍ଠରେ ଗଛ ସୃଷ୍ଟି ହେବା ପୂର୍ବରୁ ବଡ଼ ବଡ଼ ଛତୁ ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଥିଲା।



ଇସା
(୧୨ ବର୍ଷ)



ପ୍ରିୟାଂଶୁ
(୧୨ ବର୍ଷ)



ଶ୍ରୀ
(୬ ବର୍ଷ)



# ଆ ଇ ନା